# NATIONAL NEWS BULLETIN (ODIA)

**1 Juùø - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଉଭୟ ଗୃହରେ ଜାରି ।
- ନିଟ୍-ୟୁଜି ପୁନଃ ପରୀକ୍ଷାର ଫଳ ପ୍ରକାଶ କଲା ଏନ୍‌ଟିଏ ।
- ସମଗ୍ର ଦେଶରେ  କାର୍ଯ୍ୟକାରୀ ହେଲା ୩ଟି ନୂତନ ଅପରାଧିକ ଆଇନ୍ ।
- ବ୍ୟାବସାୟିକ ଏଲ୍‌ପିଜି ସିଲିଣ୍ଡର ପିଛା ମୂଲ୍ୟ ୩୦ ଟଙ୍କା ହ୍ରାସ ।

ଏବଂ

- ଚେନ୍ନାଇ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳର ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଜାରି ।

---

## ପାର୍ଲ୍ୟାମେଣ୍ଟ-ମୋସନ ଅଫ୍ ଥ୍ୟାଙ୍କ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଆଜି ସଂସଦର ଉଭୟ ସଦନରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଜାରି ରହିଛି । ଲୋକସଭାରେ ବିଜେପି ସାଂସଦ ଅନୁରାଗ ସିଂହ ଠାକୁର ଏହି

ଆଲୋଚନାରେ ଅଂଶଗ୍ରହଣ କରି ଗତ ୧୦ବର୍ଷ ମଧ୍ୟରେ ଲୋକଙ୍କ କଲ୍ୟାଣ ଏବଂ ଅର୍ଥନୀତିକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଊର୍ଦ୍ଧ୍ୱକୁ ଉଠିଛନ୍ତି । ସରକାର ୮୦ କୋଟି ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ମାଗଣା ଖାଦ୍ୟ ଯୋଗାଇ ଦେଇଛନ୍ତି । ପୂର୍ବ ୟୁପିଏ ସରକାରକୁ ସମାଲୋଚନା କରି ସେ କହିଛନ୍ତି କ୍ଷମତାରେ ଥିବାବେଳେ ଅର୍ଥ ବ୍ୟବସ୍ଥା ଦୁର୍ବଳ ୫ଟି ଶ୍ରେଣୀରେ ଥିଲା । ଏବେ ଦେଶ ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି ଏବଂ ଖୁବ୍‌ଶୀଘ୍ର ଏହା ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ । ପୂର୍ବ ୟୁପିଏ ସରକାର ଦୁର୍ନୀତି, ପୁଞ୍ଜିବାଦ ଏବଂ ନୀତିଗତ ପକ୍ଷପାତ ଭାବେ କାର୍ଯ୍ୟ କରୁଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ଏହା ପୂର୍ବରୁ ଗୃହ ଆରମ୍ଭ ହେବା ସମୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିଟ୍ ପରୀକ୍ଷା ଅନିୟମିତତା ପ୍ରସଙ୍ଗ ଉଠାଇଥିଲେ । ସେ କହିଛନ୍ତି ସଂସଦରୁ ଦେଶର ଛାତ୍ରଛାତ୍ରୀଙ୍କ ନିକଟକୁ ନିଟ୍ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ବୋଲି ଏକ ବାର୍ତ୍ତା ଯିବା ଉଚିତ୍ ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ସଂସଦର କାର୍ଯ୍ୟପ୍ରଣାଳୀ କିଛି ନିୟମ ଓ ପରମ୍ପରାକୁ ଆଧାର କରି ଚାଲିଛି ।  ରାଷ୍ଟ୍ରପତିଙ୍କ ଧନ୍ୟବାଦ ଅର୍ପଣ ପରେ ଯେକୌଣସି ଆଲୋଚନା କରାଯିବା ଉଚିତ୍ ବୋଲି ସେ ବିରୋଧୀଙ୍କୁ ଅନୁରୋଧ କରିଛନ୍ତି । ପରେ ବିରୋଧୀ ଦଳର ସଦସ୍ୟମାନେ ନିଟ୍ ପ୍ରସଙ୍ଗ ନେଇ କକ୍ଷତ୍ୟାଗ କରିଥିଲେ । ରାଜ୍ୟସଭାରେ ଆଜି ଗୃହ ଆରମ୍ଭ ହେବାପରେ ଉପରାଷ୍ଟ୍ରପତି ତଥା ଅଧ୍ୟକ୍ଷ ଜଗଦୀପ ଧନଖଡ

ବିରୋଧୀ ସଦସ୍ୟଙ୍କ ଦ୍ୱାରା ଦିଆଯାଇଥିବା ଗୃହ ସ୍ଥଗିତ ନୋଟିସ୍‌କୁ ଅଗ୍ରାହ୍ୟ କରିଥିଲେ । ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗନେଇ ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ସମ୍ବୋଧନ ଗୁଡ଼ିକ ଦୂରଦୃଷ୍ଟି ସମ୍ପନ୍ନ ହେବା ଦରକାର। ଗରିବ, ଦଳିତ ଏବଂ ସଂଖ୍ୟାଲଘୁଙ୍କ ପାଇଁ କୌଣସି ପ୍ରସଙ୍ଗ ନାହିଁ ବୋଲି ସେ କହିଛନ୍ତି । ଶ୍ରୀ ଖଡ଼୍‌ଗେ ସଂସଦ ଭବନ ପରିସରରେ ମହାତ୍ମାଗାନ୍ଧୀ, ଡକ୍ଟର ବି.ଆର୍. ଆମ୍ବେଦକର ଏବଂ ଛତ୍ରପତି ଶିବାଜୀଙ୍କ ପ୍ରତିମୂର୍ତ୍ତି ଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରିତ କରିବା ନେଇ ପ୍ରଶ୍ନ ଉଠାଇଛନ୍ତି । ରାଜ୍ୟସଭା ଅଧ୍ୟକ୍ଷ ଶ୍ରୀ ଧନଖଡ ମଲ୍ଲିକାର୍ଜୁନ ଖଡଗେଙ୍କ ଟିପ୍ପଣୀକୁ ଆଲୋଚନା ପାଇଁ ସମାଲୋଚନା ଠିକ୍ ନୁହେଁ ବୋଲି କହି ପ୍ରତ୍ୟାଖ୍ୟାନ କରିଛନ୍ତି ।

## ପିଏମ୍-ସମ୍ପଥନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀଲଙ୍କାର ବିଶିଷ୍ଟ  ରାଜନେତା ତଥା ତାମିଲ ନ୍ୟାସନାଲ ଆଲାଏନ୍ସର ନେତା ଆର୍. ସମ୍ପଥନ୍‌ଙ୍କ ଦେହାନ୍ତରେ ଦୁଃଖପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ତାଙ୍କ ସହ ସାକ୍ଷାତ୍ ଆଲୋଚନା ସ୍ମୃତି ସର୍ବଦା ମନେରହିବ । ସେ କହିଛନ୍ତି ଆର୍. ସମ୍ପଥନ୍ ନିରନ୍ତର ଭାବରେ ଶ୍ରୀଲଙ୍କାର ତାମିଲ ନାଗରିକଙ୍କ ପାଇଁ ଶାନ୍ତି, ସୁରକ୍ଷା, ସମାନତା, ନ୍ୟାୟ ଏବଂ ସମ୍ମାନର ଜୀବନ ପାଇଁ ପ୍ରୟାସ ଜାରି ରଖିଥିଲେ । ଶ୍ରୀ ମୋଦୀ କହିଛନ୍ତି ଶ୍ରୀଲଙ୍କା ଏବଂ ଭାରତରେ ତାଙ୍କର ବନ୍ଧୁ ଓ ଅନୁଗାମୀମାନେ ତାଙ୍କୁ ମନେପକାଇବେ । ପ୍ରଧାନମନ୍ତ୍ରୀ ଆର୍. ସମ୍ପଥନ୍‌ଙ୍କ ପରିବାର ଏବଂ ବନ୍ଧୁଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ବିଶିଷ୍ଟ ନେତା ଆର୍. ସମ୍ପଥନ୍

ଶ୍ରୀଲଙ୍କାର ସଂସଦରେ ୬ ଥର ପାଇଁ ନିର୍ବାଚିତ ହୋଇଥିଲେ ଏବଂ ବିରୋଧୀ ଦଳ ନେତା ଭାବରେ କାର୍ଯ୍ୟ ତୁଲାଇଥିଲେ ।

## ଏନ୍‌ଟିଏ ପରୀକ୍ଷା

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ନିଟ୍-ୟୁଜି ପୁନଃ ପରୀକ୍ଷା ଦେଇଥିବା ଏକହଜାର ୫୬୩ଜଣ ପରୀକ୍ଷାର୍ଥୀଙ୍କର ପରୀକ୍ଷାଫଳ ପ୍ରକାଶ କରିଛି । ଏହି ପରୀକ୍ଷାର୍ଥୀଙ୍କୁ ମିଶାଇ ଅନ୍ୟ ସମସ୍ତ ପରୀକ୍ଷାର୍ଥୀଙ୍କର ସଂଶୋଧିତ ପରୀକ୍ଷାଫଳ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି । ଏକହଜାର ୫୬୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୧୩ ପରୀକ୍ଷାର୍ଥୀ ପୁନଃ ପରୀକ୍ଷା ଦେଇଥିଲେ । ପରୀକ୍ଷାର୍ଥୀମାନେ exan.nta.ac.in / neet ୱେବ୍‌ସାଇଟ୍‌କୁ ଲଗ୍‌ଇନ୍ କରି ସଂଶୋଧିତ ପରୀକ୍ଷାଫଳ ପାଇପାରିବେ । ସୁପ୍ରିମକୋର୍ଟଙ୍କ ଦ୍ୱାରା ଏକହଜାର ୫୬୩ଜଣ ପରୀକ୍ଷାର୍ଥୀଙ୍କୁ ପୁନଃ ପରୀକ୍ଷା ଦେବାପାଇଁ ନିର୍ଦ୍ଦେଶ ଦେବା ପରେ ଗତମାସ ୨୩ ତାରିଖରେ ଏନ୍‌ଟିଏ ପକ୍ଷରୁ ପୁନଃ ପରୀକ୍ଷା କରାଯାଇଥିଲା । ପୁନଃ ପରୀକ୍ଷା ବଦଳରେ କିମ୍ବା ଅନୁଗ୍ରହ ମାର୍କ ବିନା ସେମାନଙ୍କର ମୂଳ ପରୀକ୍ଷାଫଳ ବଳବତ୍ତର ରଖିବାକୁ ପରୀକ୍ଷାର୍ଥୀଙ୍କୁ ଏନ୍‌ଟିଏ ପକ୍ଷରୁ ବିକଳ୍ପ ଦିଆଯାଇଥିଲା ।

## ନିୟୁ କ୍ରିମିନାଲ୍ ଲ’

ଦେଶରେ ଆଜିଠାରୁ ୩ଟି ନୂତନ ଅପରାଧିକ ଆଇନ୍ କାର୍ଯ୍ୟକାରୀ ହୋଇଛି । ସେଗୁଡ଼ିକ ହେଲା ଭାରତୀୟ ନ୍ୟାୟସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ । ଏହି ଆଇନ୍‌ଗୁଡ଼ିକ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଜନସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା । ଏହି

ଆଇନ୍‌ର ବିଭିନ୍ନ ଦିଗ ଉପରେ ମଧ୍ୟ ବିଶେଷଜ୍ଞଙ୍କଠାରୁ ମତାମତ ଗ୍ରହଣ କରାଯାଇ ଆଲୋଚନା କରାଯାଇଥିଲା । ଆଇନ୍ ସଂକ୍ରାନ୍ତରେ ପୁଲିସ ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକ ପାଇଁ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

ଏହି ନୂତନ ଆଇନ ଅନୁଯାୟୀ ଅନ୍‌ଲାଇନ୍ ଏଫ୍.ଆଇ.ଆର୍. ବ୍ୟବସ୍ଥା ଯେକୌଣସି ଥାନାରେ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇ ପାରିବ । ସେହିଭଳି ଗିରଫ ସମୟରେ କଥିତ ଅଭିଯୁକ୍ତ ନିଜ ମନ ମୁତାବକ ବ୍ୟକ୍ତିଙ୍କୁ ପରିସ୍ଥିତି ନେଇ ଅବଗତ କରାଇବାର ଅଧିକାର ରହିଛି । ମହିଳା ଏବଂ ଶିଶୁଙ୍କ ସୁରକ୍ଷା କ୍ଷେତ୍ରରେ ସାଂପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ଆଇନରେ ବିଶେଷ ନୀତି ନିୟମ ପ୍ରଣୟନ କରାଯାଇଛି । ନ୍ୟାୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ପ୍ରଯୁକ୍ତି ବିଦ୍ୟା ତଥା ଆଧୁନିକ ଯୋଗାଯୋଗ ବ୍ୟବସ୍ଥାକୁ ମଧ୍ୟ ଏହି ଆଇନରେ ଅନ୍ତର୍ଭୁକ୍ତ କରାଯାଇଛି ।

ଏହି ଆଇନ୍‌ଗୁଡ଼ିକ ସମ୍ପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟରେ ଆକାଶବାଣୀ, ଦୂରଦର୍ଶନ, ସାମାଜିକ ଗଣମାଧ୍ୟମ ତଥା ବିଭିନ୍ନ ପ୍ଲାଟଫର୍ମରେ ବିସ୍ତୃତ ଆଲୋଚନା ସହ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ମଧ୍ୟ ଆୟୋଜନ କରାଯାଇଥିଲା ।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସି, ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ-ଏଆଇସିଟିଇ ଏବଂ ସିଏଫ୍‌ଆଇ ଓ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ଆଜି ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଆଲୋଚନାଚକ୍ର, କର୍ମଶାଳା ଆଦିର ଆୟୋଜନ କରାଯାଇଛି ।

# ଆର୍ମୀ ଚିଫ୍ ଓଥ

ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଜି ନୂଆଦିଲ୍ଲୀରେ ଜାତୀୟ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ କର୍ତ୍ତବ୍ୟ ସମୟରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସାହସୀ ଜବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଜେନେରାଲ ଦ୍ୱିବେଦୀ କହିଛନ୍ତି ଭାରତୀୟ ସେନାର ନେତୃତ୍ୱ ନେବା ତାଙ୍କପାଇଁ ଏକ ଗର୍ବ ଓ ଗୌରବର ସମୟ । ସେ ସେନାର ଆଧୁନିକୀକରଣ ପାଇଁ ଆହ୍ୱାନ ଦେବାସହ ଆତ୍ମନିର୍ଭରତା ପାଇଁ ସ୍ୱଦେଶୀ ପଦକ୍ଷେପ ପ୍ରଣାଳୀ ଏବଂ ଉପକରଣକୁ ପ୍ରୋତ୍ସାହନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜେନେରାଲ ଦ୍ୱିବେଦୀ ନାଗରିକମାନଙ୍କୁ ମଧ୍ୟ ଆଶ୍ୱାସନା ଦେଇ କହିଛନ୍ତି ଭାରତୀୟ ସେନା ସମସ୍ତ ଆହ୍ୱାନର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଏବଂ ସକ୍ଷମ ରହିଛି ।

# ଏଲ୍‌ପିଜି ପ୍ରାଇସ୍ ଡ୍ରପ୍

ତୈଳ ବିପଣନ କମ୍ପାନୀଗୁଡ଼ିକ ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ୩୦ଟଙ୍କା ହ୍ରାସ କରିଛନ୍ତି । ୧୯କିଲୋଗ୍ରାମ ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ପରିବର୍ତ୍ତନ ଆଜିଠାରୁ ଲାଗୁ ହେବ । ମୂଲ୍ୟହ୍ରାସ ଯୋଗୁଁ ଦିଲ୍ଲୀରେ ୧୯ କିଲୋଗ୍ରାମ ଏଲ୍‌ପିଜି ସିଲିଣ୍ଡରର ଖୁଚୁରା ବିକ୍ରି ମୂଲ୍ୟ ୧ହଜାର ୬୪୬ଟଙ୍କା ହେବ । ଗତମାସରେ ଖୁଚୁରା ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ଅଣସ୍ତରୀ ଟଙ୍କା ୫୦ ପଇସା ହ୍ରାସ ପାଇ ଏହାର ମୂଲ୍ୟ ୧ହଜାର ୬୭୬ଟଙ୍କା ହୋଇଥିଲା ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍' ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ । ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ଆଲୋଚନା କରାଯିବ । ଏହାର ଶୀର୍ଷକ ରହିଛି "ସବ୍ କେ ଘର କେ ସପନେ କୋ ସାକାର କରତୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା" । ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟର ଉପ-ମହାନିର୍ଦ୍ଦେଶକ ଗୟା ପ୍ରସାଦ ଓ କେନ୍ଦ୍ର ଆବାସ ଏବଂ ସହରୀ ବ୍ୟାପାର ମନ୍ତ୍ରଣାଳୟର ଉପ-ସଚିବ କୂଳଦୀପ ନାରାୟଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୋତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । ଶ୍ରୋତାମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ପ୍ରଶ୍ନ ୦୧୧-୨୩୪୨୧୦୫୦ ଏବଂ ୨୩୩୧୪୪୪୪ ଫୋନ୍ ନମ୍ବରରେ କଲ୍ କରି ପଚାରିପାରିବେ । ଶ୍ରୋତାମାନେ ହ୍ୱାଟ୍ସଆପ୍ ନମ୍ବର ୯୨୮୯୦୯୪୦୪୪ରେ ମଧ୍ୟ ପ୍ରଶ୍ନ ପଚାରିପାରିବେ। ଏହି କାର୍ଯ୍ୟକ୍ରମ ଆକାଶବାଣୀର ଗୋଲ୍ଡ୍ ଚ୍ୟାନେଲ୍, NEWS ON AIRର ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ ।

## ୱିମେନ୍ ଟେଷ୍ଟ

ଚେନ୍ନାଇର ଏମ୍.ଏ. ଚିଦମ୍ବରମ୍ ଷ୍ଟାଡିୟମ୍‌ରେ ଚାଲିଥିବା ଭାରତ ଓ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ଖେଳରେ ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଙ୍ଗ୍‌ସରେ ୭ ୱିକେଟ୍‌ରେ ୨୨୯ ରନ୍ ସଂଗ୍ରହ କରିଛି ।

ଚତୁର୍ଥଦିନର ଖେଳରେ ଦକ୍ଷିଣ ଆଫ୍ରିକା ଗତକାଲିର ୨ ୱିକେଟ୍ ହରାଇ ୨୩୨ରନ୍‌ରୁ ଆରମ୍ଭ କରିଥିଲା ।

ସୂଚନାଯୋଗ୍ୟ  ଭାରତ ତା'ର ପ୍ରଥମ ଇନିଙ୍ଗ୍‌ସରେ ୧୧୫ ଓଭର୍ ଗୋଟିଏ ବଲ୍‌ରେ ୬ ୱିକେଟ୍ ହରାଇ ୬୦୩ ରନ୍ ସଂଗ୍ରହ କରି ପାଳି ସମାପ୍ତି ଘୋଷଣା କରିଥିଲା । ଦକ୍ଷିଣ ଆଫ୍ରିକା ତା'ର ପ୍ରଥମ ଇନିଙ୍ଗ୍‌ରେ ୮୪ ଓଭର୍ ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୨୬୬ ରନ୍ ସଂଗ୍ରହ କରି ଫଲୋ ଅନ୍‌ର ସମ୍ମୁଖୀନ ହୋଇଥିଲା ।